

କୁହୁଳୁ ଥିଲା, ତତ୍‌କ୍ଷଣାତ୍ ଶବରୀପା ରାଜି ହୋଇଗଲା ଏବଂ ବୋଧିସତ୍ତ୍ୱ ସେଠାରୁ ପ୍ରସ୍ଥାନ କଲେ।

ସେ ଓ ତା'ର ସହଧର୍ମିଣୀ ଜୀବନଯାକ ମାଂସ ଭକ୍ଷଣ କରିବାର ଅଭ୍ୟାସ ତ୍ୟାଗ କରି ଏକ ଶାକାହାରୀ ଜୀବନଯାପନ ଆରମ୍ଭ କଲେ। ମାତ୍ର ଗୋଟିଏ ସପ୍ତାହାନ୍ତେ ବୋଧିସତ୍ତ୍ୱ ସେଠାରେ ଉପସ୍ଥିତ ହୋଇ ଦେଖନ୍ତି ଯେ ଶବରୀପା ନିଜର ପତ୍ନୀ ସହିତ ନିଷ୍ଠାର ସହିତ ଶାକାହାରୀ ବ୍ରତ ପାଳନ କରୁଛନ୍ତି। ଅତ୍ୟନ୍ତ ଆନନ୍ଦ ହୋଇ ବୋଧିସତ୍ତ୍ୱ କହିଲେ - 'ବନ୍ଧୁ ! ତୁମେ ଯଦି ସତରେ ଧନୁର୍ବିଦ୍ୟା ମୋଠାରୁ ଶିଖିବାକୁ ଆଗ୍ରହୀ, ତେବେ ଏକମାସ ଧରି ଶାକାହାରୀ ବ୍ରତ ପାଳନ ସହିତ ତୁମକୁ ସମସ୍ତ ଜୀବଜନ୍ତୁଙ୍କ ପ୍ରତି ପ୍ରେମ ଓ କରୁଣା ଭାବ ପ୍ରଦର୍ଶନ କରିବାକୁ ପଡ଼ିବ ଏବଂ ତା ଉପରେ ନିୟମିତ ଧ୍ୟାନ କେନ୍ଦ୍ରିତ କରିବାକୁ ହେବ।' ଅପୂର୍ବ ଧନୁର୍ବିଦ୍ୟା ଶିଖିବାର ମୋହ ତାକୁ ସେତେବେଳେ ମାଡ଼ି ବସିଥିଲା, ସେଥିପାଇଁ ସେ ତତ୍‌କ୍ଷଣାତ୍ ରାଜି ହେଇଗଲା।

ଏକମାସ ଅତିକ୍ରାନ୍ତେ ବୋଧିସତ୍ତ୍ୱ ପୁନଶ୍ଚ ଶବରୀପା ଘର ଦୁଆର ପ୍ରାଙ୍ଗଣରେ ପହଞ୍ଚିବା ମାତ୍ରେ ଶବରୀପା ଓ ତା'ର ପତ୍ନୀ ସନ୍ନ୍ୟାସୀଙ୍କୁ ସାଦରେ ସ୍ୱାଗତ କଲେ। କିନ୍ତୁ ବୋଧିସତ୍ତ୍ୱ ସେମାନଙ୍କୁ ଆଶୀର୍ବାଦ କରି ଦୁଆର ସମ୍ମୁଖରେ ବସି ଅଙ୍କନ କଲେ ଏକ ମଣ୍ଡଳ। ସେଥିରେ ଆଞ୍ଜୁଳିଭରା ପୁଷ୍ପ ପ୍ରଦାନ କରି ସେ ଦୁହିଁଙ୍କୁ ମଣ୍ଡଳ ମଧ୍ୟକୁ ଚାହିଁବା ପାଇଁ ନିର୍ଦ୍ଦେଶ ଦେଲେ।

ମଣ୍ଡଳ ଭିତରେ ଶବରୀପା ଓ ତା'ର ସ୍ତ୍ରୀ ଯେଉଁ ନାରକୀୟ ଦୃଶ୍ୟ ଦେଖିଲେ, ସେମାନେ ଅବାକ୍ ହେଇଗଲେ- ଅଷ୍ଟ ନର୍କର ହୁ ହୁ ଅଗ୍ନି ଭିତରେ ସେ ଦୁହେଁ ଜଳୁଛନ୍ତି, ଆର୍ତ୍ତନାଦ କରୁଛନ୍ତି, ସେମାନଙ୍କର ବିକଳପଣକୁ ଦୃଷ୍ଟିପାତ ବା କର୍ଣ୍ଣପାତ କରିବାକୁ କେହି ନାହାନ୍ତି। ବୋଧିସତ୍ତ୍ୱ ବାରମ୍ବାର ପଚାରୁଥିଲେ - କ'ଣ ତୁମେ ଦେଖୁଛ ? ସେ ଏଭଳି ଭୟଭୀତ ଯେ ପଦଟିଏ ବାକ୍ୟ ସ୍ଫୁରୁନଥିଲା, ବହୁ କଷ୍ଟରେ କହିଲେ- ହେ ମହାଭାଗ ! ମୁଁ ନର୍କରେ ଦଗ୍ଧୀଭୂତ, ଯନ୍ତ୍ରଣାରେ ଜର୍ଜରିତ!!! ବୋଧିସତ୍ତ୍ୱ ପଚାରିଲେ- ତୁମେ ଏଥିରୁ ମୁକ୍ତି ପାଇବା ଲାଗି ଚାହୁଁଛ କି ? ଶବରୀପା ଏକ ସ୍ୱରରେ କହିଲା- 'ମହାଶୟ ! ଏଥିରେ ଭାବିବାର ଅଛି'। ବୋଧିସତ୍ତ୍ୱ ପୁନଶ୍ଚ ପ୍ରଶ୍ନ କଲେ- 'ମୁଁ ଯାହା କହିବି ଓ ମାର୍ଗ ଦେଖାଇବି, ତୁମେ ମୋ କଥା ଶୁଣି ସେହି ମାର୍ଗରେ ଯାତ୍ରା କରିବ ତ ?'

ଶବରୀପା ନର୍କର ଭୟାନକ ଦୃଶ୍ୟ ଅବଲୋକନ କରି ସେତେବେଳକୁ ଖୁବ୍ ଭୟଭୀତ ଓ ନିଜର ଭବିଷ୍ୟ ଜୀବନ ପ୍ରତି ମଧ୍ୟ ଆଶଙ୍କିତ। ସେ ନିଃସର୍ତ୍ତ ଭାବେ କହିଲା- ହେ ସନ୍ନ୍ୟାସୀ, ମୁଁ ସତରେ ଏ କର୍ମର ପରିଣାମରୁ ମୁକ୍ତି ଚାହେଁ। କରୁଣାହୃଦୟୀ ବୋଧିସତ୍ତ୍ୱ କହିଲେ- ଦେଖ, ଜୀବହତ୍ୟା କରିବା ବା ଅନ୍ୟର ପ୍ରାଣ ନେବାର ନଷ୍ଟର ପରିଣାମ ମାନବୀୟ ନର୍କରେ ପୁନର୍ଜନ୍ମ କରାଇଥାଏ। ତଦ୍‌ଜନିତ କର୍ମର ପାପ ତୁମ ଭିତରେ ପୁଳିତ ହେଉଛି ଏବଂ ଅଧିକରୁ ଅଧିକ ହତ୍ୟା ନିମନ୍ତେ ତୁମକୁ ପ୍ରରୋଚିତ କରୁଛି। କେବଳ ସେତିକିନୁହେଁ ଯେହେତୁ ତୁମେ ଅନ୍ୟ ପ୍ରାଣୀର ଜୀବନକୁ ହ୍ରାସ କର, ତୁମର ଜୀବନ ବି ହ୍ରାସ ହେବ। ତୁମର ସାମାଜିକ ଜୀବନ ମଧ୍ୟ କଳଙ୍କିତ ହେବା ସହ ଅନେକ ଅଖ୍ୟାତି ଅର୍ଜନ କରିବ। କର୍ମ ହିଁ ଏକ ସାର୍ବଜନୀନ ଓ ପ୍ରାକୃତିକ ନିୟମ। ଯେତେବେଳେ ଜଣେ ଶୁଦ୍ଧ ବା ଭଲ କର୍ମକରେ, ତା'ର ପରିବେଶ ଓ ପରିସ୍ଥିତିର ଉନ୍ନତି ଘଟେ ଏବଂ ଅଶୁଦ୍ଧ ବା ପାପ କାର୍ଯ୍ୟ କଲେ, ମନ୍ଦଫଳ ତାକୁ ଅନୁଧାବନ କରିବ। ମନ ହେଉଛି ଅଜ୍ଞାନ, କିନ୍ତୁ କାମନା, ଆକ୍ରମଣାତ୍ମକ ଆଚରଣ ଓ ନିର୍ବୋଧତାରେ ଆବେଗ (କ୍ଳେଶ) ତା' ଭିତରେ ଭରପୂର ହେଇଥାଏ ଯେଉଁଥିପାଇଁ ମଣିଷ କୁକର୍ମ ବା ମନ୍ଦ-କାର୍ଯ୍ୟ କରିବାକୁ ଉତ୍ସାହିତ ହୁଏ। ଉଦାହରଣ ସ୍ୱରୂପ; ଯଦି ଜଣେ ବ୍ୟକ୍ତି ଅନ୍ୟଜଣକୁ ହତ୍ୟା କରିବା ଭଳି କୁକାର୍ଯ୍ୟ ବା ନକାରାତ୍ମକ କର୍ମ କରେ, ସେ ତା'ର କର୍ମରୁ କେବଳ ଯେ ମନ୍ଦ-କର୍ମର ଫଳ ପାଏନି